## ସଂକ୍ଷେପରେ

### ୩ ଗିରଫଙ୍କ ବେଲ୍ କରାଇଲେ ଆନ୍ଧ୍ର ଆଇନଜୀବୀ

**ଜନଗଣନା ଭଣ୍ଡୁର ନେଇ ପ୍ରବର୍ତ୍ତାଇବା ଅଭିଯୋଗରେ ୩ଜଣଙ୍କୁ ଗିରଫ କରିଥିଲା କୋଟିଆ ପୋଲିସ**

ପଟ୍ଟାଙ୍ଗି, ୨୮।୪(ଶରତ କୁମାର ଧଳ)

ଓଡ଼ିଶା ସରକାରଙ୍କ ପକ୍ଷରୁ ଚାଲିଥିବା ଜନଗଣନା କାର୍ଯ୍ୟକୁ ଭଣ୍ଡୁରକରିବା ପାଇଁ ଗ୍ରାମବାସୀଙ୍କୁ ପ୍ରବର୍ତ୍ତାଉଥିବା ଅଭିଯୋଗରେ କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ଅଧୀନ କୋଟିଆ ପଞ୍ଚାୟତର ଉପରସେମ୍ଭି ଗ୍ରାମର ୩ ବ୍ୟକ୍ତିଙ୍କୁ କୋଟିଆ ପୋଲିସ ଗିରଫ କରିଥିଲା। ସୋମବାର ଆନ୍ଧ୍ର ଟିଡିପିର କର୍ମୀ ଏବଂ ଆଇନଜୀବୀ କେ. ଲକ୍ଷ୍ମଣ ରାଓ କୋରାପୁଟ କୋର୍ଟରେ ପହଞ୍ଚି ବେଲ୍ ଆବେଦନ କରିଥିଲେ। ମଙ୍ଗଳବାର ସେମାନେ ଜେଲରୁ ବାହାରିଥିବା ଜଣାପଡ଼ିଛି। ସୂଚନାନୁଯାୟୀ ଉକ୍ତ ଗ୍ରାମରେ ଚାଲିଥିବା ଜନଗଣନା କାର୍ଯ୍ୟକୁ ଭଣ୍ଡୁର କରିବାକୁ ପିଲୁକୁ ତାଡିଙ୍ଗି, ଚିରଞ୍ଜୀବ ତାଡିଙ୍ଗି ଓ ସନାମା ତାଡିଙ୍ଗି ପ୍ରବର୍ତ୍ତାଉଥିବା ଖବରପାଇ ତହସିଲଦାର ଦେବେନ୍ଦ୍ର ବାହାଦୁର ସିଂ ଧାରୁଆ କୋଟିଆ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ମାମଲା ରୁଜୁକରି ଶନିବାର ପିଲୁକୁ ଓ ଚିରଞ୍ଜୀବଙ୍କୁ ଓ ରବିବାର ସନାମା ତାଡିଙ୍ଗୀଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଥିଲା। ଏହାପରେ ପଟ୍ଟାଙ୍ଗି ବିଧାୟକ ଏବଂ ଆନ୍ଧ୍ର ଆଦିବାସୀ କଲ୍ୟାଣ ମନ୍ତ୍ରୀଙ୍କ ମଧ୍ୟରେ ବାକ୍‌ଯୁଦ୍ଧ ଆରମ୍ଭ ହୋଇଯାଇଥିଲା। ସୋମବାର ଆନ୍ଧ୍ର ଟିଡିପି କର୍ମୀ ଆଇନଜୀବୀ କେ. ଲକ୍ଷ୍ମଣ ରାଓ ଉପରସେମ୍ଭି ଓ କୋଟିଆ ପଞ୍ଚାୟତର ଅନ୍ୟ ଗ୍ରାମବାସୀଙ୍କୁ ନେଇ କୋରାପୁଟ କୋର୍ଟରେ ପହଞ୍ଚିଥିଲେ। ଗିରଫ ୩ଜଣଙ୍କ ବେଲ୍ ଆବେଦନ କରିଥିଲେ। ସୋମବାର ତହସିଲଦାର ଧାରୁଆ ଏବଂ ବ୍ଲକ୍ ପ୍ରଶାସନ ମିଳିତ ଦଳ ଜନଗଣନା କାର୍ଯ୍ୟକ୍ରମ ସ୍ଥିତି ଅନୁଧ୍ୟାନ କରିବା ସମୟରେ ଓଡ଼ିଶାର ଜନଗଣନା କାର୍ଯ୍ୟକ୍ରମକୁ ସହଯୋଗ କରିବେ ବୋଲି ମାଡକାର ଓ ଉପରସେମ୍ଭି ଗ୍ରାମବାସୀ କହିଛନ୍ତି।

### ପ୍ରାତଃଭ୍ରମଣ ବେଳେ ଧକ୍କା ଦେଲା ଗାଡ଼ି, ଜଣେ ମୃତ

-ଟାୟାର ଜାଳି ଗ୍ରାମବାସୀଙ୍କ ରାସ୍ତାରୋକ

ଜୟପୁର, ୨୮।୪(ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଜୟପୁର ସଦର ଥାନା ଅଧୀନ ଉମୁରିରେ ଏକ ଦୁର୍ଘଟଣା ଘଟି ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଅନ୍ୟଜଣେ ଗୁରୁତର ଅଛନ୍ତି। ମୃତକ ହେଲେ ହଳଧର ନାୟକ (୫୨) ଓ ଗୁରୁତର ହେଲେ ନରସିଂହ ବେହେରା (୫୫)। ମଙ୍ଗଳବାର ସକାଳେ ହଳଧର ଓ ନରସିଂହ ପ୍ରାତଃ ଭ୍ରମଣ କରୁଥିବା ବେଳେ ଲକ ଗାଡ଼ି ସେମାନଙ୍କୁ ଧକ୍କା ଦେଇ ଚାଲିଯାଇଥିଲା। ଘଟଣାସ୍ଥଳରେ ହଳଧରଙ୍କ ମୃତ୍ୟୁ ହୋଇଥିଲା। ଗୁରୁତର ଅବସ୍ଥାରେ ନରସିଂହଙ୍କୁ ପ୍ରଥମେ ଜୟପୁରସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ ବିଶାଖାପାଟଣା ସ୍ଥାନାନ୍ତର କରାଯାଇଛି। ଉମୁରିରେ ପ୍ରତ୍ୟେକ ଦିନ ଦୁର୍ଘଟଣା ଘଟୁଛି। ଏଠାରେ ବ୍ୟାରିକେଟ ନିର୍ମାଣ ସହ ସିସି କ୍ୟାମେରା ଲଗାଇବା, ଦୁର୍ଘଟଣା ଘଟାଇଥିବା ଗାଡ଼ିକୁ ଠାବ ଆଦି ଦାବିରେ ଟାୟାର ଜାଳି ଲୋକେ ରାସ୍ତାରୋକ କରିଥିଲେ। ଘଟଣା ସ୍ଥଳରେ ଏସ୍‌ଡିପିଓ ଅଙ୍କିତା ମିତ୍ତଲ ପହଞ୍ଚି ବୁଝଶୁଝା କରିବା ପରେ ଲୋକେ ରାସ୍ତାରୋକରୁ ଓହରିଥିଲେ। ପୋଲିସ ଦୁର୍ଘଟଣା ମାମଲା ରୁଜୁ କରି ତଦନ୍ତ କରୁଛି।

### ପୂଜକ ବିବାଦ ସମାଧାନ ପାଇଁ ବୈଠକ

ନନ୍ଦପୁର, ୨୮।୪(ତୁଷାର କାନ୍ତ ମହାନ୍ତି)

କୋରାପୁଟ ଜିଲା ନନ୍ଦପୁର ବ୍ଲକ ବିଲାପୁଟ ପଞ୍ଚାୟତରେ ଥିବା ଭୈରବୀ ମନ୍ଦିରର ପୂଜକ ବିବାଦ ସମାଧାନ ଲାଗି ଏକ ଜରୁରୀ ବୈଠକ ମନ୍ଦିର ପରିସରରେ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ସରପଞ୍ଚ ରାଜ କିଶୋର ଲେନ୍ଦୃଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ନନ୍ଦପୁର ତହସିଲଦାର ତଥା ଦେବୋତ୍ତର କମିଟି ସଭାପତି ଦେବବ୍ରତ ମହାରଣା, ଅତିରିକ୍ତ ତହସିଲଦାର ମାଧବ ପାଙ୍ଗି, ସୁପରଭାଇଜର ସୋମନାଥ ମୁଦୁଲି, ଦେବୋତ୍ତର କମିଟି ସଦସ୍ୟ ଗୋପାଳକୃଷ୍ଣ ବେବର୍ତ୍ତା, ତୁଷାର କାନ୍ତ ମହାନ୍ତି ପ୍ରମୁଖଙ୍କ ସହ ଗ୍ରାମବାସୀ ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। ପୁରୁଣା ଓ ନୂଆ ପୂଜକ ଦୁହିଁଙ୍କ ସହ ଗ୍ରାମବାସୀ ନିଜ ନିଜ ପକ୍ଷ ରଖିଥିଲେ। ସମସ୍ତଙ୍କ ମତ ନେଇ ଦେବୋତ୍ତର କମିଟି ସଭାପତି ସରପଞ୍ଚଙ୍କୁ ୧୫ ଦିନ ମଧ୍ୟରେ ନୂତନ ମନ୍ଦିର ପରିଚାଳନା କମିଟି ଗଠନ କରିବାକୁ ପରାମର୍ଶ ଦେଇଥିଲେ। ନୂତନ କମିଟି ଅନୁମୋଦନ କ୍ରମେ ପୂଜକଙ୍କୁ ନିଯୁକ୍ତି ଦିଆଯିବ ବୋଲି କହିଥିଲେ। କମିଟି ଗଠନ କରି କର୍ମକର୍ତ୍ତାଙ୍କ ତାଲିକା ଦେବୋତ୍ତର କମିଟିକୁ ପ୍ରଦାନ କରାଯିବ ବୋଲି ସରପଞ୍ଚ ଲେନ୍ଦୃ ସୂଚନା ଦେଇଛନ୍ତି।

# ଉନ୍ନୟନ କାର୍ଯ୍ୟ ତଦାରଖ, ବଳକା କାମ ଶୀଘ୍ର ସାରିବାକୁ ନିର୍ଦ୍ଦେଶ

**କୋରାପୁଟ ଜିଲାପାଳଙ୍କ ସୁନାବେଡ଼ା ଗସ୍ତ**

ସୁନାବେଡ଼ା, ୨୮।୪(କୃତ୍ତିବାସ ପ୍ରଧାନ)


ଜିଲାପାଳ ଅଧିକାରୀମାନଙ୍କ ସହ ଆଲୋଚନା କରୁଛନ୍ତି।

କୋରାପୁଟ ଜିଲାପାଳ ମନୋଜ ସତ୍ୟବାନ ମହାଜନ ମଙ୍ଗଳବାର ଅପରାହ୍ନରେ ସୁନାବେଡ଼ା ଗସ୍ତରେ ଆସିଥିଲେ। ବିଭିନ୍ନ ଉନ୍ନୟନ କାର୍ଯ୍ୟ ବୁଲି ଦେଖିବା ସହ ବଳକା କାମ ଶୀଘ୍ର ସାରିବାବୁ ନିର୍ଦ୍ଦେଶ ଦେଇଥିଲେ।

ସେ ସୁନାବେଡ଼ା ପୌର ପରିଷଦ ୨ ନଂ. ୱାର୍ଡ ଅଧୀନ ମାଳିଗୁଡ଼ାରେ ଥିବା ୨ଟି ମିନି ପାର୍କ ପରିଦର୍ଶନ କରିବା ସହ ବାକି ରହିଥିବା ସୌନ୍ଦର୍ଯ୍ୟକରଣ କାମକୁ ଶୀଘ୍ର ସାରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ମାଳିଗୁଡ଼ା ପାହାଡ଼ ପରିଦର୍ଶନରେ ଯାଇ ପାହାଡ଼ ଶିଖରକୁ ବିୟୁଟିଫିକେଶନ ସହ ଭ୍ୟୁ ପଏଣ୍ଟ, ଷ୍ଟାଚ୍ୟୁ ଓ ଲୋକଙ୍କ ଚଲାପଥ ନିର୍ମାଣ ପାଇଁ ଡିପିଆର୍ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ହାଲ୍ ଟାଉନଶିପ ୱାଇ ଜୋନ୍ ସ୍ଥିତ ବିଜୁ ପଟ୍ଟନାୟକ ପାର୍କର ସ୍ଥିତ ପରଖିଥିଲେ। ସେଠାରେ ଏକ ଉନ୍ନତମାନର ମ୍ୟୁଜିକାଲ ଫାଉଣ୍ଟେନ ନିର୍ମାଣ, ପାର୍କ ପରିସରକୁ ରଙ୍ଗ, ପାର୍କ କଡ଼ରେ କୋରାପୁଟ ମାଣ୍ଡିଆ ପ୍ରସ୍ତୁତ ଖାଦ୍ୟ ଓ କଫି ଭଳି କେତେକ ଷ୍ଟଲ୍ ଓ ଏକ ଅତ୍ୟାଧୁନିକ ଶୌଚାଳୟ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେମିଳିଗୁଡ଼ା ଭେଣ୍ଡିଂ ଜୋନ୍ ପରିସର ପାର୍କ ବୁଲି ଦେଖିଥିଲେ। ନିର୍ମାଣାଧୀନ ଜାତୀୟ ପତାକା ଉତ୍ତୋଳନ ପିଣ୍ଡି କାମ ଶେଷ କରିବାକୁ କହିଥିଲେ। ସେଠାରୁ ପୌର ପରିଷଦ ଅଧୀନ ମଲ୍ଟି ଫଙ୍କସନ ହଲ୍ ପରିସର ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଥିଲେ। ସରକାରୀ ବସ୍‌ଷ୍ଟାଣ୍ଡକୁ ଯାତାୟାତର ସୁବିଧା ପାଇଁ ଅନ୍ୟ ଏକ ସଂଯୋଗୀ ରାସ୍ତା କରିବାକୁ ପରାମର୍ଶ ଦେଇଥିଲେ। ଏଥିସହ ପୌର ପରିଷଦ ଅଧୀନ କୋଡ଼ିଗାଁ ନିକଟ ପାହାଡ଼ ଶିଖରକୁ ବିୟୁଟିଫିକେଶନ ସହ ଷ୍ଟାଚ୍ୟୁ, ଭ୍ୟୁ ପଏଣ୍ଟ ଏବଂ ଲୋକଙ୍କ ଚଲାପଥ ନିର୍ମାଣ ପାଇଁ ଡିପିଆର୍ ପ୍ରସ୍ତୁତି କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଜିଲାପାଳଙ୍କ ଗସ୍ତ ସମୟରେ ସୁନାବେଡ଼ା ପୌରାଧ୍ୟକ୍ଷ ଡ. ରାଜେନ୍ଦ୍ର ପାତ୍ର, କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁଜିତ ଚୌଧୁରୀ, ସେମିଳିଗୁଡ଼ା ତହସିଲଦାର ଦେବବ୍ରତ କରାଡି, ପୌରପାଳିକା ମୁଖ୍ୟଯନ୍ତ୍ରୀ ମନୋଜ ପାତ୍ର, କନିଷ୍ଠ ଯନ୍ତ୍ରୀ ଅରୁଣ ନାୟକ, ପାରିଷଦ ରାମ ବେନିଆ ଓ ମନୋଜ ସୁନାଙ୍କ ସହ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

# ଲୋକଙ୍କୁ ସେବା ଯୋଗାଇବାକୁ ଆହ୍ୱାନ


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

**ସେମିଳିଗୁଡ଼ା ଓକିଲ ସଂଘ ପକ୍ଷରୁ ଆଇନଜୀବୀ ଦିବସ ପାଳିତ**

ସୁନାବେଡ଼ା/ସେମିଳିଗୁଡ଼ା, ୨୮।୪ (କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)

କୋରାପୁଟ ଜିଲା ସେମିଳିଗୁଡ଼ା ବାର ଆସୋସିଏସନ ପକ୍ଷରୁ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୧୭୮ ତମ ଜନ୍ମଜୟନ୍ତୀ ତଥା ଆଇନଜିବୀ ଦିବସ ମଙ୍ଗଳବାର ପାଳିତ ହୋଇଛି। ସଂଘ କାର୍ଯ୍ୟାଳୟ ପରିସରରେ ସଭାପତି ସନ୍ତୋଷ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ଜର୍ଜ ପ୍ରଦୀପ କୁମାର ମହନ୍ତ ମୁଖ୍ୟଅତିଥି, ସମ୍ମାନିତ ଅତିଥିଭାବେ ସେମିଳିଗୁଡ଼ା ଗ୍ରାମୀଣ ନ୍ୟାୟାଳୟ ଜଜ୍ ସ୍ମୃତିରେଖା ଆଚାର୍ଯ୍ୟ ଓ ଷ୍ଟେଟ ବାର କାଉନସିଲ ମେମ୍ବର ପି. ରମେଶ କୁମାର ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ମଧୁବାବୁଙ୍କ ଜୀବନୀ ସମ୍ପର୍କରେ ମତ ଦେଇଥିଲେ। ଆଜିର ଦିନଟି ଲୟର୍ସ ଡେଭାବେ ପାଳନ କରାଯାଏ। ତେଣୁ ବାରିଷ୍ଟରଙ୍କ ନୀତି ଆଦର୍ଶକୁ ଅନୁସରଣ କରି ଲୋକଙ୍କୁ ସେବା ଯୋଗାଇବା ଆବଶ୍ୟକତା ରହିଛି ବୋଲି କହିଥିଲେ। କାର୍ଯ୍ୟାଳୟ ପରିସରରେ ମଧୁ ବାବୁଙ୍କ ଏକ ପ୍ରତିମୂର୍ତ୍ତିକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ସେମିଳିଗୁଡ଼ା ଅଞ୍ଚଳର କୁନି କୁନି ପିଲାମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସେମିଳିଗୁଡ଼ା ଓକିଲ ସଂଘ କୋଷାଧକ୍ଷ ଅଶ୍ୱିନୀ କୁମାର ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# କୃଷି କ୍ଷେତ୍ରରେ ନୂଆ ଉଦ୍ଭାବନ କରି ଛାତ୍ରୀ ପୁରସ୍କୃତ

ସୁନାବେଡ଼ା/କୋରାପୁଟ, ୨୮।୪ (କୃତ୍ତିବାସ ପ୍ରଧାନ/ଅମିତାଭ ବେହେରା)


ଛାତ୍ରୀମାନେ ପୁରସ୍କାର ଦେଖାଉଛନ୍ତି।

ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର କୃଷି ବିଭାଗ ଭୁବନେଶ୍ୱରସ୍ଥିତ ସିର୍ନଜି ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିରେ ଆୟୋଜିତ 'ଇନୋଭିଜନ-୨୦୨୬' ଜାତୀୟସ୍ତରୀୟ ପ୍ରତିଯୋଗିତାରେ ବିଶ୍ୱବିଦ୍ୟାଳୟର ଛାତ୍ରୀମାନେ ପ୍ରଥମ ହୋଇଛନ୍ତି। ବିଶ୍ୱବିଦ୍ୟାଳୟର କୃଷି ବିଭାଗ ତୃତୀୟ ବର୍ଷ ଛାତ୍ରୀ ସ୍ୱପ୍ନାରାଣୀ ବିଶ୍ୱାଳ ଓ ଦ୍ୱିତୀୟ ବର୍ଷ ଛାତ୍ରୀ ଅଭିସିକ୍ତା ସାହୁ ସୌରଶକ୍ତି ଚାଳିତ ମଞ୍ଜି ପେଲେଟିଂ ମେସିନ୍ ପ୍ରକଳ୍ପକୁ ଉପସ୍ଥାପନ କରିଥିଲେ। ଏହି ମେସିନ୍ ସାହାଯ୍ୟରେ ଛୋଟ ଓ ହାଲୁକା ମଞ୍ଜିଗୁଡ଼ିକ ଉପରେ ଏକ ବିଶେଷ ପ୍ରଲେପ ଦିଆଯାଇ ଥାଏ। ତେଣୁ ଜଳସେଚନବେଳେ ସେଗୁଡ଼ିକ ଭାସି ନଯାଇ ମାଟିରେ ସ୍ଥିର ରହେ। ମଞ୍ଜି ସହିତ ଆବଶ୍ୟକୀୟ ସାର ଓ ଅଣୁସାର ମିଶି ରହୁଥିବାରୁ ଗଜା ହେବା ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଥାଏ। ମେସିନ୍‌ଟି କମ୍ ଖର୍ଚ୍ଚ ତଥା ସୌରଶକ୍ତିରେ ଚାଲୁଥିବାରୁ ଏହା ଗ୍ରାମାଞ୍ଚଳର ଚାଷୀଙ୍କ ପାଇଁ ଲାଭଦାୟକ। ବରିଷ୍ଠ ବୈଜ୍ଞାନିକଙ୍କ ସହଯୋଗ ତଥା ନଭସାରୀ କୃଷି ବିଶ୍ୱବିଦ୍ୟାଳୟ ବୈଜ୍ଞାନିକ ଡଃ. ବିପୁଲ ସିନ୍ଦେ, ଡଃ. ଆଶିଷ, ଇଂ.ଶୁଭମ୍ ଧାକଡ଼ ଓ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ କୃଷି ବିଭାଗ ମୁଖ୍ୟ ଡଃ. ମଞ୍ଜୁଶ୍ରୀ ସିଂଙ୍କ ମିଳିତ ସହଯୋଗରେ ଏହାକୁ ପ୍ରସ୍ତୁତ କରାଯାଇଛି। ଏହି ସଫଳତା ପାଇଁ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଏନ୍.ସି. ପଣ୍ଡା ଛାତ୍ରୀ ଓ ସହଯୋଗୀ ବୈଜ୍ଞାନିକମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ୪ ଅନାଥ ଭଉଣୀଭାଇଙ୍କୁ ଉଦ୍ଧାର କଲା ଚାଇଲ୍ଡ ହେଲ୍ପଲାଇନ

ନବରଙ୍ଗପୁର, ୨୮।୪(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲା ରାଇଘର ବ୍ଲକର ଖୁଟୁଗାଁ ଅଧୀନ ଭାଟିପାର ଗ୍ରାମର ଅନାଥ ଭଉଣୀ ଭାଇଙ୍କୁ ଚାଇଲ୍ଡ ହେଲ୍ପଲାଇନ ଉଦ୍ଧାର କରିଥିଲେ। ସେମାନଙ୍କ ମା' ବାପାଙ୍କ ଅସୁସ୍ଥତା କାରଣରୁ ମୃତ୍ୟୁ ହୋଇଯାଇଥିଲା। ଏହାପରେ ପିଲାମାନେ ସମ୍ପର୍କୀୟ ଦାଦାଙ୍କ ପାଖରେ ରହୁ ଥିଲେ। ସେମାନଙ୍କ ପାଠପଢାରେ ସମସ୍ୟା ହେଉଥିଲା। ଏହି ଖବର ଜଣାପଡ଼ିବା ପରେ ଶିଶୁ ହେଲ୍ପଲାଇନ ପରାମର୍ଶଦାତ୍ରୀ ନିହାରିକା ଟାକ୍ରି ଓ କେଶ ୱାର୍କର ନମୁଚି ନାରାୟଣ ବିଷୋୟୀ ଘଟଣା ସ୍ଥଳରେ ପହଞ୍ଚି ଅନୁସନ୍ଧାନ କରିଥିଲେ। ପିଲାଙ୍କ ରକ୍ଷଣାବେକ୍ଷଣ ଓ ଥଇଥାନ ପାଇଁ ପରିବାର, ଗ୍ରାମବାସୀ, ସରପଞ୍ଚ, ୱାର୍ଡମେମ୍ବର , ମଣ୍ଡଳ ପରିଦର୍ଶିକା ରାଇଘର, ଅଙ୍ଗନୱାଡି ,ଆଶା ଓ ଶିଶୁ ହେଲ୍ପଲାଇନର କର୍ମଚାରୀଙ୍କ ଉପସ୍ଥିତିରେ ଏକ ବୈଠକ ହେଇଥିଲା। ସମସ୍ତଙ୍କ ସହମତିରେ ଶିଶୁମାନଙ୍କ ଉତ୍ତମ ଭବିଷ୍ୟତ ପାଇଁ ୧୮ ବର୍ଷ ପର୍ଯ୍ୟନ୍ତ ସରକାରଙ୍କ ଦାୟିତ୍ୱରେ ରହିବେ ବୋଲି ଗ୍ରାମବାସୀ ମତ ଦେଇଥିଲେ। ପିଲାମାନଙ୍କୁ ଶିଶୁ ମଙ୍ଗଳ କମିଟିରେ ହାଜର କରାଯାଇଥିଲା। ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷା ଅନ୍ନପୂର୍ଣ୍ଣା ପାତ୍ର ଓ କମିଟିର ୪ଜଣ ସଦସ୍ୟଙ୍କ ଆଲୋଚନା ପରେ ଶିଶୁମାନଙ୍କ ଥଇଥାନ ବ୍ୟବସ୍ଥା କରାଯିବ ବଲି ସୂଚନା ମିଳିଛି।

# ଓଡ଼ିଶା ପ୍ରଗତିରେ ମଧୁବାବୁଙ୍କ ଅବଦାନ ଅବିସ୍ମରଣୀୟ


ବୈଠକରେ ମଞ୍ଚାସୀନ ଅତିଥି।

ଉମରକୋଟ, ୨୮।୪ (ସନ୍ତୋଷ ଶତପଥୀ)

ନବରଙ୍ଗପୁର ଉମରକୋଟ ପୌରାଞ୍ଚଳସ୍ଥିତ ବିଜୁ ପଟ୍ଟନାୟକ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଓଡିଶା ସାହିତ୍ୟ ଏକାଡେମୀ ଓ ଦାସିଆ ସାଂସ୍କୃତିକ ପରିଷଦର ମିଳିତ ସହଯୋଗରେ ମଧୁବାବୁ ଜୟନ୍ତୀ ଓ ସାରସ୍ୱତ ସମାରୋହ ପାଳିତ ହୋଇଛି। ଭାଜପା ରାଜ୍ୟ ଉପସଭାପତି ରମେଶ ଚନ୍ଦ୍ର ସାହୁ ମୁଖ୍ୟ ଅତିଥି, ମନ୍ତ୍ରୀ ପ୍ରତିନିଧି ଅଶୋକ ପାଢ଼ୀ ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି, ଏମପି ପ୍ରତିନିଧି ରାମକୃଷ୍ଣ ନାୟକ, ଗାଳ୍ପିକ ଡ ସୁରେନ୍ଦ୍ରନାଥ ଦାଶ ବରେଣ୍ୟ ଅତିଥି, ଓଡିଶା ସାହିତ୍ୟ ଏକାଡେମୀ ପ୍ରାକ୍ତନ ସଦସ୍ୟ ବଲ୍ଲଭ ରାଉତ ମୁଖ୍ୟ ବକ୍ତା, ସମ୍ମାନିତ ଅତିଥି ଭାବେ ଝାଡ଼େଶ୍ୱର ମହାନ୍ତି, ପ୍ରଫୁଲ୍ଲ ରାଉତ, ଶ୍ର ପଲ୍ଲବୀ ପଣ୍ଡା, ସଭାପତି ଟୁଟୁବାବୁ ପଟ୍ଟନାୟକ, ସମ୍ପାଦକ ଏମ. ହିମାଂଶୁ ଆଚାରୀ ମଞ୍ଚାସୀନ ଥିଲେ। ସମୀର ପ୍ରଧାନ ଅତିଥି ପରିଚୟ ଦେଇଥିଲେ। ଅତିଥିମାନେ ମଧୁବାବୁଙ୍କ ଅଗାଧ ପାଣ୍ଡିତ୍ୟ ଓ ସ୍ୱାଭିମାନୀ ଗୁଣ ବିଷୟରେ ଆଲୋକପାତ କରିଥିଲେ। ଓଡ଼ିଶାର ପ୍ରଗତିରେ ତାଙ୍କ ଅବଦାନ ସଦା ଅବିସ୍ମରଣୀୟ ହୋଇ ରହିବ ବୋଲି ମତ ପ୍ରକାଶ ପାଇଥିଲା। ସାହିତ୍ୟ,ଓକିଲାତି,ସମାଜସେବା, ଚିକିତ୍ସା କ୍ଷେତ୍ରରେ ଉଲ୍ଲେଖନୀୟ କୃତିତ୍ୱ ନିମନ୍ତେ କେତେଜଣଙ୍କୁ ସମ୍ମାନୀତ କରାଯାଇଥିଲା। ପରିଷଦ ସହ ଯୋଡି ହୋଇଥିବା ନୂଆ ସଭ୍ୟଙ୍କୁ ସଦସ୍ୟତା ପ୍ରମାଣ ପତ୍ର ଓ ପୂର୍ବରୁ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ଶିକ୍ଷାର୍ଥୀଙ୍କ ପ୍ରମାଣ ପତ୍ର ପ୍ରଦାନ କରାଯାଇଛି। ସ୍ୱତନ୍ତ୍ରଭାବେ ନିମନ୍ତ୍ରିତ ହୋଇଥିବା କବିଙ୍କୁ ନେଇ କବିତା ଆସର ଅନୁଷ୍ଠିତ ହୋଇଥିଲା। ସଭାପତି ଭାବେ ଅଧ୍ୟାପକ ଗୋପାଳ ମହାରଣା ଯୋଗ ଦେଇଥିଲେ।

# ନାମ ସଂକୀର୍ତ୍ତନ ଜଗନ୍ନାଥ ସଂସ୍କୃତିର ପ୍ରତୀକ


ଶ୍ରୀ ଜଗନ୍ନାଥ ନାମ ସଂକୀର୍ତ୍ତନ ଲୋକକଳା ସମାରୋହ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ସାଧୁସନ୍ଥ।

ନବରଙ୍ଗପୁର, ୨୮।୪(ସଦାଶିବ ପ୍ରହରାଜ)

ଶ୍ରୀ ଜଗନ୍ନାଥ ନାମ ସଂକୀର୍ତ୍ତନ ଲୋକ କଳା ପରିଷଦ, ଓଡିଶା ଏବଂ ନବରଙ୍ଗପୁର ଜିଲା ସଂକୀର୍ତ୍ତନ ମଣ୍ଡଳୀ ମହାସଂଘ ଆନୁକୁଲ୍ୟରେ ସ୍ଥାନୀୟ ରାଜା ଚୈତନ୍ୟ ବିଦ୍ୟାଳୟ ପଡିଆଠାରେ ଜିଲାସ୍ତରୀୟ ସଂକୀର୍ତ୍ତନ ଓ ଲୋକକଳା ସମାରୋହ ଅନୁଷ୍ଠିତ ହୋଇଯାଇଛି। ଜିଲାର ୧୦ଟି ବ୍ଲକର ୩୨୮ଟି ସଂକୀର୍ତ୍ତନ ମଣ୍ଡଳୀ ମଙ୍ଗଳବାର ସକାଳେ ସ୍ଥାନୀୟ ଚାଉଁରିଆଗୁଡା ଠାକୁରାଣୀ ମନ୍ଦିର ପ୍ରାଙ୍ଗଣରୁ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରି ବିଦ୍ୟାଳୟ ପଡିଆରେ ପହଞ୍ଚିଥିଲେ। ଲୋକକଳା ପରିଷଦ ଓଡିଶା ରାଜ୍ୟ ସଭାପତି ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ପୌରୋହିତ୍ୟରେ ଆୟୋଜିତ ସମାରୋହରେ ମୁଖ୍ୟ ଅତିଥି ଭାବେ ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ ଯୋଗଦେଇ ନାମ ସଂକୀର୍ତ୍ତନ ଆମ ଓଡ଼ିଆ ଜାତିର ଗର୍ବ, ଗୌରବ ଓ ଜଗନ୍ନାଥ ସଂସ୍କୃତିର ପ୍ରତୀକ ବୋଲି କହିଥିଲେ। ସମ୍ମାନୀତ ଅତିଥି ଭାବେ ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷା ବାସନ୍ତୀ ମାଝୀ, ଉପାଧ୍ୟକ୍ଷ ଲିଙ୍ଗରାଜ ଭତ୍ରା ଓ ରାଜ୍ୟ ଆଇନଜିବି ସଂଘ ଉପ ସଭାପତି ତଥା ରାଜ ପୁରୋହିତ ନରସିଂହ ତ୍ରିପାଠୀ ଯୋଗ ଦେଇଥିଲେ। ଏହି ଅବସରରେ ଶ୍ରୀକ୍ଷେତ୍ର ପୁରୀ ଓ ବୃନ୍ଦାବନ ଧାମରୁ ସାଧୁ ମହାରାଜ ଯୋଗ ଦେଇଥିଲେ ।

ଏହି ଅବସରରେ ପୁରୀରୁ ଆସିଥିବା ମହନ୍ତ ଦିବ୍ୟାନନ୍ଦ ଦାସ, ବୃନ୍ଦାବନରୁ ଆସିଥିବା ଆଚାର୍ଯ୍ୟ ଅଭିଶେଖ ପାଠକ, ସଂଘର ରାଜ୍ୟ ସଭାପତି ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ରାଜ୍ୟ ଉପସଭାପତି କୃଷ୍ଣଚନ୍ଦ୍ର ପାଲ, ରାଜ୍ୟ ସମ୍ପାଦକ ଦୁଷ୍ମନ୍ତ ପୁରୋହିତ, ଜିଲା ସଂକୀର୍ତ୍ତନ ମଣ୍ଡଳୀ ସଂଘର ଉପଦେଷ୍ଟା ମାନସ ରଞ୍ଜନ ଦାସ, ଟେଲି ଫିଲ୍ମ ନିର୍ଦ୍ଦେଶକ ମନୋଜ କୁମାର ପଟ୍ଟନାୟକ, ଜିଲା କିନ୍ନର ସଂଘର ସମ୍ପାଦକ ଟୁମୁକି କିନ୍ନର, ସଂଘର ନବରଙ୍ଗପୁର ଜିଲା ସମ୍ପାଦକ ଅର୍ଜୁନ ଭାତରାଙ୍କ ସମେତ ଅବିଭକ୍ତ କୋରାପୁଟ ଜିଲାରୁ ଆସିଥିବା ସଂଘର ସଭାପତି ଓ ସମ୍ପାଦକ ମଞ୍ଚାସୀନ ଥିଲେ ।

# ଆଇନଜୀବୀ ଦିବସ ପାଳିତ

ନବରଙ୍ଗପୁର, ୨୮।୪(ସଦାଶିବ ପ୍ରହରାଜ)


କାର୍ଯ୍ୟକ୍ରମରେ ମଞ୍ଚାସୀନ ଆଇନଜୀବୀମାନେ।

ନବରଙ୍ଗପୁର ଆଇନଜୀବୀ ସଂଘ ପକ୍ଷରୁ ମଧୁବାବୁ ଜୟନ୍ତୀ ଓ ଆଇନଜୀବୀ ଦିବସ ଜିଲା ଦୌରା ଜଜ୍ କୋର୍ଟ ପରିସରରେ ପାଳିତ ହୋଇଛି। ଜିଲା ଓ ଦୌରା ଜଜ ସଂଗ୍ରାମୀ କେଶରୀ ପଟ୍ଟନାୟକ ମୁଖ୍ୟ ଅତିଥି, ଅତିରିକ୍ତ ଜିଲା ଦୌରାଜଜ୍ ବିଷ୍ଣୁ ପ୍ରସାଦ ମିଶ୍ର, ପୋକ୍‌ସୋ ଅଦାଲତ ବିଚାରପତି ବାସୁଦେବ ଆଚାର୍ଯ୍ୟ ସମ୍ମାନିତ ଅତିଥି ଏବଂ ମୁଖ୍ୟବକ୍ତା ଭାବେ ବରିଷ୍ଠ ଆଇନଜୀବୀ ସୁବାସ ଚନ୍ଦ୍ର ପାଳ ଯୋଗ ଦେଇଥିଲେ। ସଂଘର ସଭାପତି ସିରଜ୍ ଉଦ୍ଦିନ ଅହମ୍ମଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସଂଘ ସମ୍ପାଦକ ତପନ ସିଂ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଆଇନଜୀବୀ ଦେବୀ ପ୍ରସାଦ ସିଂ ତାଙ୍କର ବାର୍ତ୍ତା ପାଠ କରିଥିଲେ। ଅତିଥିମାନେ ମଧୁବାବୁଙ୍କ ସ୍ମୃତିଚାରଣ କରିବାପରେ ଆଇନଜୀବୀମାନଙ୍କୁ ନିଜ ପେଷାରେ ଅଧବସାୟ ଜାରି ରଖିବାକୁ ପରାମର୍ଶ ଦେଇଥିଲେ। ଆଇନଜୀବୀ ଉମାଶଙ୍କର ତ୍ରିପାଠୀ ଓ ପ୍ରକାଶ ଚନ୍ଦ୍ର ମିଶ୍ରଙ୍କୁ ସମ୍ମାନିତ କରାଯାଇଛି। ସେହିଭଳି ସମାଜ ସେବା କ୍ଷେତ୍ରରେ ଅବଦାନ ପାଇଁ ଡକ୍ଟରେଟ୍ ଉପାଧି ପାଇଥିବା ଆଇନଜୀବୀ ସିରାଜ୍ ଉଦ୍ଦିନ ଅହମ୍ମଦ ଓ ଆଇନଜୀବୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କୁ ମୁଖ୍ୟ ଅତିଥି ସମ୍ମାନିତ କରାଯାଇଛି।

# ପୋଷଣ ବଗିଚା ସ୍ଥାପନ ନେଇ ସମନ୍ୱୟ ବୈଠକ

ନବରଙ୍ଗପୁର, ୨୮।୪(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ଅଶୋକ ମେହେଟ୍ଟା ସମ୍ମିଳନୀ କକ୍ଷରେ ଜିଲାପାଳ ଡ. ମହେଶ୍ୱର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଜିଲାର ସମସ୍ତ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟରେ ପୋଷଣ ବଗିଚା ସ୍ଥାପନ ନେଇ ଏକ ସମନ୍ୱୟ ବୈଠକ ମଙ୍ଗଳବାର କରାଯାଇଛି। ପୋଷଣ ବଗିଚା ମାଧ୍ୟମରେ ଉତ୍ପାଦିତ ପରିବା ବିଦ୍ୟାଳୟର ମଧ୍ୟାହ୍ନ ଭୋଜନରେ ବ୍ୟବହାର କରାଯିବ ବୋଲି ଜିଲାପାଳ କହିଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ପରିବେଶ ସୁରକ୍ଷା ଓ ସ୍ୱାବଲମ୍ବନ ଭାବନା ବୃଦ୍ଧି ପାଇବ ବୋଲି ଜିଲାପାଳ କହିଥିଲେ।

ପ୍ରତ୍ୟେକ ବିଦ୍ୟାଳୟରେ ପୋଷଣ ବଗିଚା ସ୍ଥାପନ କରି ଛାତ୍ରୀଛାତ୍ରଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଇବା ସହିତ ସେମାନଙ୍କୁ ପ୍ରାୟୋଗିକ କୃଷି ଜ୍ଞାନ ଦେବା ଉପରେ ଗୁରୁତ୍ୱ ଦିଆଯାଇଛି। ପିଏମ୍ ପୋଷଣ ଯୋଜନା ସହ ଏହି ପଦକ୍ଷେପକୁ ଯୋଡ଼ି ମଧ୍ୟାହ୍ନ ଭୋଜନର ଗୁଣବତ୍ତା ବୃଦ୍ଧି କରିବା ଲକ୍ଷ୍ୟ ରଖାଯାଇଛି। ବିଦ୍ୟାଳୟ ପ୍ରାଙ୍ଗଣର ଉପଲବ୍ଧ ଜମିକୁ ବ୍ୟବହାର କରି ଚାଷ, ପାଣି ଓ ଅନ୍ୟ ସାମଗ୍ରୀ ସୁବିଧା ନିଶ୍ଚିତ କରିବା ଭଳି ବିଷୟ ଉପରେ ଆଲୋଚନା ହୋଇଥିଲା। ଶିକ୍ଷକ, ଛାତ୍ରଛାତ୍ର, ବିଦ୍ୟାଳୟ ପରିଚାଳନା କମିଟି ଓ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ସକ୍ରିୟ ସହଭାଗିତା ଉପରେ ଗୁରୁତ୍ୱ ଦିଆଯାଇଥିଲା। ବୈଠକଟି ଡିଇଓ ଛତ୍ରପତି ସାହୁଙ୍କ ସଂଯୋଜନାରେ ଆୟୋଜିତ ହୋଇଥିବାବେଳେ ଏଡିଇଓ ଶ୍ରୀକାନ୍ତ ଜାନୀ ଧନ୍ୟବାଦ ଦେଇଥିଲେ।



ବୈଠକରେ ଜିଲାପାଳ ଓ ଅନ୍ୟଅଧିକାରୀମାନେ ଆଲୋଚନା କରୁଛନ୍ତି।

# ଶହେ ଦିନର କାର୍ଯ୍ୟ ପୂରା କରିଛନ୍ତି ୬୧୭ ପରିବାର

**ଏମ୍‌ଜିଏନ୍‌ଆରଇଜିଏସ୍, ସମଗ୍ର ଶିକ୍ଷାର ବ୍ଲକସ୍ତରୀୟ ଜନ ଶୁଣାଣି**

- **ଅନୁପସ୍ଥିତ ଅଧିକାରୀଙ୍କୁ ଜାରି ହେବ କାରଣ ଦର୍ଶାଅ ନୋଟିସ**

ନନ୍ଦାହାଣ୍ଡି, ୨୮।୪, (ପ୍ରତାପ କୁମାର ଦାଶ)



ବୈଠକରେ ଉପସ୍ଥିତ ଅଧିକାରୀ ଓ ଜନପ୍ରତିନିଧି।

ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ମଙ୍ଗଳବାର ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଓ ସମଗ୍ର ଶିକ୍ଷା ଯୋଜନାର ଜନଶୁଣାଣି ଶିବିର କରଯାଇଛି। ନନ୍ଦାହାଣ୍ଡି ପଞ୍ଚାୟତ ସମିତି ଅଧ୍ୟକ୍ଷା ଓ ଉପାଧ୍ୟକ୍ଷଙ୍କ ସହ କୌଣସି ସରପଞ୍ଚ କିମ୍ବା ସମିତି ସଭ୍ୟଙ୍କର ଦେଖା ମିଳି ନଥିଲା। କେବଳ ଜୋନ୍-୨ ର ଜିଲା ପରିଷଦ ସଭ୍ୟ ଅରୁଣ ମିଶ୍ର ଉପସ୍ଥିତ ଥିଲେ। ଜିଲା ନୋଡାଲ ଅଫିସର ଭାବେ ପଞ୍ଚାୟତ ସାମ୍ପ୍ରସାରଣ ଅଧିକାରୀ ପଦ୍ମନାଭ ତ୍ରିପାଠୀ, ଏଇଇ ଶଙ୍କର ବୁଡ଼େକ , ଗୋଷ୍ଠୀ ବିତ୍ତ ଅଧିକାରୀ ନିରଞ୍ଜନ ବେହେରା, ସିଏସଓ ପ୍ରତିନିଧି ସନ୍ତୋଷ ଷଡ଼ଙ୍ଗୀ, ଖବରଦାତା ଶିବଶଙ୍କର ପାଢ଼ୀ ଓ ବୃନ୍ଦାବନ ତ୍ରିପାଠୀ ଯୋଗ ଦେଇଥିଲେ। ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ପର୍ଶୁରାମ ମାଳୀ ମଞ୍ଚ ପରିଚାଳନା କରିଥିଲେ।

ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ୨୦୨୫-୨୬ ଆର୍ଥିକ ବର୍ଷରେ ବ୍ଲକର ୧୧ ପଞ୍ଚାୟତରେ ମୋଟ ୩୩୧୦୫୮ ଶ୍ରମ ଦିବସ ସୃଷ୍ଟି କରାଯାଇଛି। ୭୪୫୯ ପରିବାର କର୍ମ ନିଯୁକ୍ତି ପାଇଥିବାବେଳେ ୬୧୭ ପରିବାର ୧୦୦ ଦିନ କାର୍ଯ୍ୟ ଦିବସ ପୂରା କରିଛନ୍ତି। ୮ ଜଣ ଦିବ୍ୟାଙ୍ଗ ମଧ୍ୟ କର୍ମ ନିଯୁକ୍ତି ପାଇଥିଲେ। ସର୍ବମୋଟ ୧୦୯୫.୪୬ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲା। ଡିବିଟି ମାଧ୍ୟମରେ ଶ୍ରମିକଙ୍କ ସଞ୍ଚୟ ଖାତାକୁ ଟଙ୍କା ଯାଇଥିଲା। ୨୮୪୦ ପ୍ରକଳ୍ପ ଆରମ୍ଭ ହୋଇଥିବାବେଳେ ୧୫୮୭ ପ୍ରକଳ୍ପ ଶେଷ ହୋଇଛି।

ସମଗ୍ର ଶିକ୍ଷା ମାଧ୍ୟମରେ ୨୪ ବିଦ୍ୟାଳୟରେ ସିଡବ୍ଲ୍ୟୁଏସ୍‌ଏନ୍ ଶୌଚାଳୟ ଥିବାବେଳେ ଧଣ୍ଡରା ପଞ୍ଚାୟତର ନାୟକଗୁଡ଼ା ଜେଇଏଲସି ବିଦ୍ୟାଳୟରେ ଶୌଚାଳୟ ନ ଥିବା କୁହାଯାଇଛି। ସିନ୍ଧିଗୁଡ଼ା ପଞ୍ଚାୟତ ଡେଙ୍ଗାଗୁଡ଼ା ବିଦ୍ୟାଳୟରେ ରୋଷେଇ ଗୃହ ନଥିବା ବେଳେ ମିର୍ଗାନଗୁଡା ବିଦ୍ୟାଳୟରେ ବହୁ ପୁରାତନ ଶ୍ରେଣୀ ଗୃହରେ ଶିକ୍ଷାଦାନ ଚାଲିଥିବା ବିଭାଗୀୟ ଅଧିକାରୀ ସୂଚନା ଦେଇଛନ୍ତି। ଆଇଟିଡିଏ ଦ୍ୱାରା ପରିଚାଳିତ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ପ୍ରକଳ୍ପଗୁଡିକର ଦସ୍ତାବିଜ୍ ଯାଞ୍ଚ ପାଇଁ ସାମାଜିକ ବିଭାଗକୁ ହସ୍ତାନ୍ତର କରି ନଥିବା ଯୋଗୁ ସମସ୍ତ କମିଟି ମେମ୍ବର ବିରକ୍ତି ପ୍ରକାଶ କରିଥିଲେ। ବୈଠକରେ ଏବିଇଓ ଉତ୍ତମା ହରିଜନ ପିଇଓ, ଏଡିଇଓ, ବ୍ଲକ କର୍ମଚାରୀ ଏବଂ ଶ୍ରମିକମାନେ ଉପସ୍ଥିତ ରହିଥିଲେ। ତେବେ ଉଦ୍ୟାନ ବିଭାଗ ଓ ବନ ବିଭାଗ ଅଧିକାରୀ ଅନୁପସ୍ଥିତି ଥିବାରୁ ସେମାନଙ୍କୁ କାରଣ ଦର୍ଶାଅ ନୋଟିସ ଦିଆଯିବ ବୋଲି ସୂଚନା ମିଳିଛି। ସରପଞ୍ଚ ଏବଂ ସମିତି ସଭ୍ୟମାନଙ୍କ ତତ୍ତ୍ୱାବଧାନରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟ ହେଉଥିବାରୁ ସେମାନଙ୍କ ଅନୁପସ୍ଥିତି ତାଙ୍କ କାର୍ଯ୍ୟଶୈଳୀ ଉପରେ ସନ୍ଦେହ ସୃଷ୍ଟି କରୁଛି। ଜନପ୍ରତିନିଧିଙ୍କ ଅନୁପସ୍ଥିତି ବିଷୟରେ ବିଡିଓ କ୍ଷୀରୋଦ ଚନ୍ଦ୍ର ସାହୁଙ୍କୁ ପଚାରିବାରୁ ସେମାନଙ୍କୁ ଚିଠି କରାଯାଇଥିଲା। କିନ୍ତୁ କଣ ପାଇଁ ଅନୁପସ୍ଥିତ ରହିଲେ ତାହାର କାରଣ ଜାଣି ନାହାନ୍ତି ବୋଲି କହିଛନ୍ତି।

